بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୧୭ ମଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼୍

**ସରିୟା ରଜିଈ ପରିପ୍ରେକ୍ଷୀରେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ଜୀବନୀ (ଗୁରୁତ୍ୱପୂର୍ଣ୍ଣ ଭୂମିକା) ଏବଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭକାରୀ ସାହାବାକରାମଙ୍କର ନିଜ ପ୍ରିୟ ମୁନିବଙ୍କ ପ୍ରତି ଅଗାଢ଼ ପ୍ରେମ, ବିଶ୍ୱସ୍ତତା ଓ ବଳୀଦାନର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ସରିୟା ରଜିଈର ଚର୍ଚ୍ଚା କରୁଥିଲି । ସେହି ପରିପ୍ରେକ୍ଷୀରେ ଆଜି ଅବଶିଷ୍ଟାଂଶ ଆହାଦିସ୍ ଓ ଇତିହାସରେ ଉଲ୍ଲେଖ ରହିଥିବା ବର୍ଣ୍ଣନାର ଆଲୋଚନା କରି ଦେଉଛି । ତାହା ଏହିକି ଯେ, ସହି ବୁଖାରୀରେ ସରିୟା ରଜିଈ ସଂକ୍ରାନ୍ତରେ ବର୍ଣ୍ଣିତ ରହିଛି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଉକ୍ତ ସରିୟାର ଖବର ଜାଣିବା ନିମନ୍ତେ ୧୦ଜଣ ବ୍ୟକ୍ତିଙ୍କୁ ପ୍ରେରଣ କଲେ ଏବଂ ହଜରତ ଆସିମ୍ ବିନ୍ ସାବିତ୍ [ର.ଅ]ଙ୍କୁ ସେମାନଙ୍କର ଅମିର ମନୋନିତ କରିଥିଲେ । ସେହି ଦଳର ମୁହାଁମୁହିଁ ବିରୋଧି ବନୁ ଲହାନ୍ କବିଲାର ୨୦୦ଜଣ ତୀରଧାରୀଙ୍କ ସହିତ ହୋଇ ଯାଇଥିଲା । ତାଙ୍କୁ ଦେଖି ଏହି ମୁସଲମାନ ଦଳ ଏକ ଉପତ୍ୟାକା ଉପରେ ଚଢ଼ି ଶରଣ ନେଲେ । ବିରୋଧି ଦଳ ତାଙ୍କୁ ହତ୍ୟା ନକରିବା ଓ ସୁରକ୍ଷା ପ୍ରଦାନ କରିବାର ପ୍ରଲୋଭନ ଦେଇ ତଳକୁ ଓହ୍ଲାଇ ଆସିବାକୁ କହିଲେ । କିନ୍ତୁ ଦଳର ମୁଖିଆ ହଜରତ ଆସିମ୍ ଉତ୍ତର ଦେଲେ ଯେପର୍ଯ୍ୟନ୍ତ ମୋର କଥା ରହିଛି ତେବେ ମୁଁ କୌଣସି ଅମାନ୍ୟକାରୀର ଶରଣ ଚାହୁଁ ନାହିଁ । ସେଥିଅନ୍ତେ ସେ ସମସ୍ତେ ଦୁଆ କଲେ ହେ ପ୍ରଭୁ! ଆମ (ଅସହାୟ) ଅବସ୍ଥା ନିଜ ପ୍ରିୟ ନବୀଙ୍କ ନିକଟରେ ପହଞ୍ଚାଇ ଦିଅ । ଏଥିସହିତ ଅମାନ୍ୟକାରୀମାନେ ସେମାନଙ୍କ ଉପରକୁ ତୀର ନିକ୍ଷେପ କଲେ ଏବଂ ହଜରତ ଆସିମ୍ ବିନ୍ ସାବିତ୍ [ର.ଅ]ଙ୍କ ସହିତ ସାତଜଣ ସାହାବା ଶହିଦ୍ ହୋଇଗଲେ ।

ତିନିଜଣ ସାହାବା ସେମାନଙ୍କର ସୁରକ୍ଷା ଦେବା ପ୍ରଲୋଭନରେ (ଭ୍ରମିତ ହୋଇ) ତଳକୁ ଓହ୍ଲାଇ ଆସିଲେ । ଅମାନ୍ୟକାରୀମାନେ ସେମାନଙ୍କୁ ସଙ୍ଗେସଙ୍ଗେ ଧରି ବାନ୍ଧିନେଲେ । ସେମାନଙ୍କ ମଧ୍ୟରୁ ଜଣେ ହଜରତ ଅବଦ୍ଧୁଲ୍ଲାଃ ବିନ୍ ତାରିକ୍ କହିଲେ; ଏହା ତୁମର ପ୍ରଥମ ପ୍ରତିଜ୍ଞା ଭଙ୍ଗ କରିବା ଅଟେ । ଅଲ୍ଲାଃଙ୍କ ରାଣ! ମୁଁ ତୁମ ସହିତ କଦାପି ଯିବି ନାହିଁ । ସେଥିଅନ୍ତେ ଅମାନ୍ୟକାରୀମାନେ ପ୍ରଥମେ ତ ତାଙ୍କୁ ବାଧ୍ୟ କଲେ, ଯେତେବେଳେ ସେ ତାଙ୍କ କଥାରେ ରାଜି ହେଲେ ନାହିଁ ସେତେବେଳେ ସେମାନେ ତାଙ୍କୁ ସେହିସ୍ଥଳେ ହିଁ ଶହିଦ୍ କରିଦେଲେ । ବାକି ଦୁଇଜଣ ସାହାବା ହଜରତ ଖବିବ୍[ର.ଅ] ଓ ହଜରତ ଜୈଦ୍ ବିନ୍ ଦସନାଃ[ର.ଅ] ବର୍ତ୍ତି ଯାଇଥିଲେ । ଅମାନ୍ୟକାରୀମାନେ ତାଙ୍କୁ ନେଇ ମକ୍କାରେ ବିକ୍ରିକରି ଦେଇଥିଲେ । ହଜରତ ଖବିବ୍ [ର.ଅ]ଙ୍କୁ ତ ବନୁ ହାରିସ୍ ବିନ୍ ଆମିର୍ ବିନ୍ ନୱ୍ୱଫିଲ୍ ବିନ୍ ଅବ୍ଦୁଲ୍ ମୁନାଫ୍ ଖରିଦ୍ କରି ନେଇଥିଲା । ଯଦିଚ ସହି ବୁଖାରୀର ବର୍ଣ୍ଣନାନୁଯାୟୀ ୧୦ଜଣ ସାହାବାଙ୍କର ଏହି ଦଳଟି ଗୁପ୍ତଚର ଭାବରେ ଲୁଚିଛପି ଆଗକୁ ଅଗ୍ରସର ହେଉଥିଲେ କି (ସେମାନଙ୍କ ନିକଟରେ ଥିବା) ମଦିନାର ଖଜୁରୁ କୋଳିକୁ ଚିହ୍ନି ଜଣେ ମହିଳା ଚିତ୍କାର କରିଦେଲା । ଯଦ୍ୱାରା ଶତ୍ରୁମାନେ ସେମାନଙ୍କ ଉପରେ ଆକ୍ରମଣ

କରିଦେଲେ । କିନ୍ତୁ ଅଧିକାଂଶ ଜୀବନୀ ଲେଖାଳୀ ବର୍ଣ୍ଣନା କରନ୍ତି କି ଉକ୍ତ (ଗୁପ୍ତଚର) ଦଳଟି ଆଖପାଖ ଅଞ୍ଚଳର ସୂଚନା ଆଣିବା ସକାଶେ ବାହାରି ଯିବାକୁ ପ୍ରସ୍ତୁତ ଥିଲା, କିନ୍ତୁ ପ୍ରସ୍ଥାନ କରି ନଥିଲା କି (ଦୁଇ ଆଗମନକାରୀ) ଦଳ ସହିତ ହୁଜୁର[ସ.ଅ] (ଏହି କ୍ଷୁଦ୍ର ଦଳଟିକୁ) ପ୍ରେରଣ କରିଥିଲେ ।

ଏଥିସଂକ୍ରାନ୍ତରେ ହଜରତ ମୁସଲେହ ମଉଦ[ର.ଅ] ଏବଂ ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ମଧ୍ୟ ବିଭିନ୍ନ ଐତିହାସିକ ପୁସ୍ତକରୁ ଯାହା ସଂଗ୍ରହ କରିଥିଲେ ବର୍ଣ୍ଣନା କରିଛନ୍ତି କି ବୁଖାରୀ ଓ ଅନ୍ୟ ଜୀବନୀର ପୁସ୍ତକରେ ଉକ୍ତ ଗୁପ୍ତଚର) ଦଳଟି ଲୁଚିଛପି ଯାତ୍ରା କରିବାର ଯେଉଁ ଚର୍ଚ୍ଚା ମିଳୁଅଛି ତାହା ବାସ୍ତବରେ ବର୍ଣ୍ଣନାକାରୀଙ୍କର ତ୍ରୁଟି । କାରଣ ସେତେବେଳେ ଉକ୍ତ ଦଳଟିକୁ ଲୁଚିଛପି (ଯାତ୍ରା କରିବାର) ଆବଶ୍ୟକତା ନଥିଲା । ଯେହେତୁ ସେମାନେ ଅଜଲ୍ ଓ କାରା କବିଲା ସହିତ ମିଳିତ ଭାବରେ ଗମନ କରୁଥିଲେ । ହଁ ଏକଥା କଳନା କରାଯାଇପାରେ କି ଯେତେବେଳେ ସେମାନେ ଅସ୍ଫନା ଓ ମକ୍କାର ମଧ୍ୟବର୍ତ୍ତୀ ଅଞ୍ଚଳରେ ପହଞ୍ଚିଲେ ସେତେବେଳେ **ଅଜଲ୍** ଓ **କାରା** କବିଲାର ଲୋକମାନେ ଯେଉଁମାନେ ଏକ ଷଡ଼ଯନ୍ତ୍ର ଅନ୍ତର୍ଗତ ସେମାନଙ୍କୁ ନିଜ ସାଥିରେ (ମଦିନାରୁ) ଘେନି ଆଣିଥିଲେ । ସେହିସ୍ଥଳେ ପହଞ୍ଚି ସେମାନେ ନିଜ ପ୍ରତିଜ୍ଞା ଭଙ୍ଗ କଲେ ଏବଂ (ସମ୍ଭବତଃ) ନିଜ ପୂର୍ବ ପ୍ରସ୍ତୁତ ଯୋଜନା ଅନୁଯାୟୀ ବନୁ ଲହାନ୍ କବିଲାକୁ ସୂଚିତ କରିଦେଇଥିବେ ଏବଂ ଉକ୍ତ କବିଲାର ୨୦୦ଜଣ ଆକ୍ରମଣକାରୀ ସେଠାରେ ରୁଣ୍ଡ ହୋଇଯାଥିଲେ । ତେବେ ଅଲ୍ଲାଃତାଲାଙ୍କୁ ହିଁ ସକଳ ବିଷୟ ଜ୍ଞାତ ।

ତେବେ ହଜରତ ଆସିମ୍ ବିନ୍ ସାବିତ୍ [ର.ଅ]ଙ୍କର ବୀରତାର ସହିତ ଶତ୍ରୁର ମୁକାବିଲା କରି ଶହିଦ୍ ହେବାର ବ୍ୟାଖ୍ୟା ମିଳୁଅଛି । ପ୍ରଥମେ ତ ସେ ତୀର ଚାଳନା କରି ଶତ୍ରୁର ମୁକାବିଲା କରିଥିଲେ, ଯେତେବେଳେ ତାଙ୍କ ନିକଟରେ ତୀର ଶେଷ ହୋଇଗଲା ସେତେବେଳେ ସେ ବର୍ଚ୍ଛା ଦ୍ୱାରା ଶତ୍ରୁ ସହିତ ସଂଘର୍ଷ କରିଥିଲେ । ପୁନଶ୍ଚ ଯେତେବେଳେ ତାଙ୍କ ବର୍ଚ୍ଛାଟି ଭାଙ୍ଗିଗଲା ସେତେବେଳେ ସେ ନିଜ ନିକଟରେ ବର୍ତ୍ତି ରହିଯାଇଥିବା ଖଣ୍ଡା ମାଧ୍ୟମରେ ଶତ୍ରୁର ସାମନା କରିଥିଲେ । ଆଉ ଯେତେବେଳେ ତାଙ୍କୁ ନିଜ ବୀରଗତି ପ୍ରାପ୍ତ ହେବା ଦୃଶ୍ୟମାନ ହୋଇଗଲା ସେତେବେଳେ ତାଙ୍କୁ ନିଜ ନଗ୍ନ ହୋଇ ଯିବାର ଚିନ୍ତା ଘାରିଥିଲା । କାରଣ ଅମାନ୍ୟକାରୀମାନେ ମୁସଲମାନମାନଙ୍କୁ ଶହିଦ୍ କରିବା ପରେ ତାଙ୍କ ମରଶରୀରକୁ ଉଲଗ୍ନ କରି ଦେଉଥିଲେ । ସୁତରାଂ ଆପଣ ନିଜ ସୃଷ୍ଟିକର୍ତ୍ତା ନିକଟରେ ଏହି ଦୁଆ କରିଥିଲେ, ହେ ପ୍ରଭୁ ! ମୁଁ ଦିବସର ପ୍ରଥମ ଭାଗରେ ତୁମ ଧର୍ମର ରକ୍ଷା କରିବା ସକାଶେ ଆପ୍ରାଣ ଉଦ୍ୟମ କଲି । ଅତଃ ତୁମ୍ଭେ ଦିବସର ଦ୍ୱିତୀୟ ଭାଗରେ ମୋ ଗୁପ୍ତାଙ୍ଗର ରକ୍ଷା କର । ସେଥିଅନ୍ତେ ସେ ଶହିଦ୍ ହୋଇ ଯାଇଥିଲେ । ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଏହି ଘଟଣା ଚର୍ଚ୍ଚା କରି ବର୍ଣ୍ଣନା କରନ୍ତି; ପୈଗମ୍ବର ହଜରତ ମୁହମ୍ମଦ[ସ.ଅ] ୪ହିଜ୍ରୀର ସଫର୍ ମାସରେ ନିଜର ୧୦ଜଣ ଅନୁଚରଙ୍କୁ ହଜରତ ଆସିମ୍ ବିନ୍ ସାବିତ୍ [ର.ଅ]ଙ୍କ ଅଧକ୍ଷତାରେ ଆଦେଶ ଦେଲେ କି ସେମାନେ ଲୁଚିଛପି ଯାଇ ମକ୍କାର ଅମାନ୍ୟକାରୀଙ୍କ ଗତିବିଧି ଲକ୍ଷ କରନ୍ତୁ ଏବଂ ସେଠାରୁ ଫେରି ସେମାନଙ୍କ ସଂକ୍ରାନ୍ତରେ ମୋତେ ସୂଚିତ କର ।

ହଜରତ ଆସିମ୍[ର.ଅ] ଯେହେତୁ ଜଣେ ବଡ଼ ଅମାନ୍ୟକାରୀ ସରଦାର୍‌କୁ ବଧ କରିଥିଲେ । ତେଣୁ ଯେତେବେଳେ ମକ୍କାର ଅମାନ୍ୟକାରୀଙ୍କୁ ଏକଥା ଜ୍ଞାତ ହେଲା କି ସେହି ନିହତ ମୁସଲମାନମାନଙ୍କ ମଧ୍ୟରେ ହଜରତ ଆସିମ୍[ର.ଅ] ସାମିଲ ଅଛନ୍ତି ସେତେବେଳେ ସେମାନେ ହଜରତ ଆସିମ୍‌ଙ୍କର ମସ୍ତକ ଅଥବା ଶରୀରର ଅନ୍ୟ କୌଣସି ଅଙ୍ଗ ହାସଲ କରିବା ସକାଶେ କିଛି ଲୋକଙ୍କୁ ପ୍ରେରଣ କଲେ । ହଜରତ ଆସିମ୍ ଯେଉଁ ସରଦାର୍‌କୁ ବଧ କରିଥିଲେ ତାହାର ମାତା ଏହି ମାନସିକ କରିଥିଲା କି ମୁଁ ନିଜ ପୁତ୍ରର ହତ୍ୟାକାରୀର ଖପୁରିରେ ମଦ୍ୟପାନ କରିବି । କିନ୍ତୁ ବିଧାତାଙ୍କ ନିୟତିରେ ଆଉ କିଛି ଧାର୍ଯ୍ୟ ଥିଲା । ବସ୍ତୁତଃ ଯେତେବେଳେ ସେହି ଅମାନ୍ୟକାରୀମାନେ ହଜରତ ଆସିମ୍ [ର.ଅ]ଙ୍କ ମରଶରୀର ନିକଟରେ ପହଞ୍ଚିଲେ ସେତେବେଳେ ବିରୁଡ଼ି ଓ ମହୁମାଛିମାନେ ତାଙ୍କ ମରଶରୀରରେ ନିଜ ପସରା (ପ୍ରଭୁତ୍ୱ) ଜମାଇ ଦେଇଥିଲେ । ଅତଏବ ସେମାନେ ତାହାକୁ ତଡ଼ିବାକୁ ଶତ ଚେଷ୍ଟା କଲେ କିନ୍ତୁ

ସେମାନଙ୍କର ସମସ୍ତ ପ୍ରୟାସ ବୃଥା ଗଲା । ଶେଷରେ ସେମାନେ ଅସଫଳ ଓ ପତିତ ହୋଇ ଫେରି ଆସିବାକୁ ବାଧ୍ୟ ହେଲେ । **ତତ୍ପଶ୍ଚାତ ଏକ ଭୀଷଣ ଝଡ଼ ଓ ବର୍ଷା ଆସିଲା ଏବଂ ହଜରତ ଆସିମ୍ ର.ଅଙ୍କ ମରଶରୀରକୁ କାହିଁ କୁଆଡ଼େ ବହି ନେଇଗଲା ।**

ହଜରତ ଆସିମ୍ର.ଅ ଯେତେବେଳେ ଇସଲାମ ଧର୍ମର ଦୀକ୍ଷା ନେଲେ ସେତେବେଳେ ସେ ଶପଥ କରିଥିଲେ କି ଆସନ୍ତାରେ ସେ ସମସ୍ତ ପ୍ରକାରର କୁପ୍ରଥାରୁ ଦୂରେଇ ରହିବେ । ଏପରିକି କଦାପି କୌଣସି ଅମାନ୍ୟକାରୀକୁ ସ୍ପର୍ଶ ମଧ୍ୟ କରିବେ ନାହିଁ । ଯେତେବେଳେ ହଜରତ ଉମର ଫାରୁକ୍ ର.ଅଙ୍କୁ ହଜରତ ଆସିମ୍ ର.ଅଙ୍କ ଶହିଦ୍ ହେବା ଏବଂ ସେ ସମସ୍ତ ଘଟଣା ସଂକ୍ରାନ୍ତରେ ଜ୍ଞାତ ହେଲା ସେତେବେଳେ ସେ କହିଲେ; ଦେଖ ଐଶ୍ୱର୍ଯ୍ୟମୟ ପ୍ରଭୁ ନିଜ ଭକ୍ତଙ୍କ ଶପଥର କିପରି ମାନ ରକ୍ଷା କରନ୍ତି । ଯେହେତୁ ହଜରତ ଆସିମ୍ର.ଅ ପ୍ରତିଜ୍ଞା କରିଥିଲେ କି କଦାପି କୌଣସି ଅମାନ୍ୟକାରୀକୁ ସ୍ପର୍ଶ କରିବେ ନାହିଁ ତେଣୁ ପରାକ୍ରମୀ ଅଲ୍ଲାଃତାଲା ତାଙ୍କ ମୃତ୍ୟୁ ପରେ ମଧ୍ୟ ଉକ୍ତ ପ୍ରତିଜ୍ଞାର ମର୍ଯ୍ୟାଦା ରକ୍ଷା କଲେ ଏବଂ ଅମାନ୍ୟକାରୀଙ୍କୁ ତାଙ୍କ ମରଶରୀର ସ୍ପର୍ଶ କରାଇ ଦେଲେ ନାହିଁ ।

ବାକି ସାହାବାମାନେ ମଧ୍ୟ ଅତି ବୀରତାର ସହିତ ଲଢ଼ି ଶହିଦ୍ ହେଲେ ଏବଂ ଶେଷରେ ତିନିଜଣ ସାହାବା ହଜରତ ଖବିବ୍ର.ଅ, ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ଓ ହଜରତ ଜୈଦ୍ ବିନ୍ ଦସନାଃର.ଅ ବର୍ତ୍ତି ଯାଇଥିଲେ । ଶତ୍ରୁ ସେମାନଙ୍କୁ ବିଭିନ୍ନ ଆଳ ଓ ପ୍ରତିଶୃତି ଦେଲା କି ତାଙ୍କର କୌଣସି କ୍ଷତି କରିବେ ନାହିଁ । କିନ୍ତୁ ଯେତେବେଳେ ସେମାନେ ଆତ୍ମସର୍ମପଣ କଲେ ସେତେବେଳେ ଶତ୍ରୁ ନିଜ ବିର୍ଭଷତା ପ୍ରଦର୍ଶନ କରି ଅର୍ଥାତ ନିଜ ପ୍ରତିଜ୍ଞା ଭଙ୍ଗ କଲେ । ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ର.ଅଙ୍କୁ ଶହିଦ୍ କରିବା ପରେ ଅର୍ଥ ଉପାର୍ଜନ କରିବା ଲାଳଷାରେ ହଜରତ ଖବିବ୍ର.ଅ ଓ ହଜରତ ଜୈଦ୍ ବିନ୍ ଦସନାଃ ର.ଅଙ୍କୁ ମକ୍କାରେ ବିକ୍ରି କରିଦେଲେ । ହଜରତ ଖବିବ୍ଙ୍କୁ ତ ହାରିସ୍ ବିନ୍ ଆମିର୍ ବିନ୍ ନଓଫିଲ୍ର ପୁତ୍ର ଖରିଦ୍ କରି ନେଇଥିଲା । କାରଣ ହଜରତ ଖବିବ୍ ବଦର୍ ଯୁଦ୍ଧରେ ହାରିସ୍ର ବଧ କରିଥିଲେ । ଯେତେବେଳେ କି ହଜରତ ଜୈଦ୍ ବିନ୍ ଦସନାଃ ର.ଅଙ୍କୁ ସଫ୍ୱାନ୍ ବିନ୍ ଉମୈୟା ଖରିଦ୍ କରି ନେଇଥିଲା ।

ଯେତେବେଳେ କି ହଜରତ ଜୈଦ୍ ବିନ୍ ଦସନାଃ ର.ଅଙ୍କୁ ଶହିଦ୍ କରାଗଲା ସେତେବେଳେ ଅବୁ ସୁଫୟାନ୍ ବିନ୍ ହରବ୍ ତାଙ୍କୁ କହିଲା କି ହେ ଜୈଦ୍! ମୁଁ ତୁମକୁ ଅଲ୍ଲାଃଙ୍କ ରାଣ ଦେଇ କହୁଛି କ'ଣ ତୁମେ ଏହା ପସନ୍ଦ କରୁଛ ଯେ, ଏବେ ତୁମ ସ୍ଥାନରେ ଆମ ନିକଟରେ ମୁହମ୍ମଦ କଏଦ ହୋଇଥାନ୍ତେ ଏବଂ ଆମେ ତୁମ ପରିବର୍ତ୍ତେ ମୁହମ୍ମଦର ଶିର ଉଡ଼ାଇ ଦେଇଥାନ୍ତୁ (ନଉଜୁବିଲ୍ଲାଃ) । ଆଉ ତୁମେ ନିଜ ପରିବାରବର୍ଗଙ୍କ ସହିତ (ଆରାମରେ) ରହିଥାନ୍ତ । ଏଥିରେ ହଜରତ ଜୈଦ୍ ଉତ୍ତର ଦେଲେ, **ଅଲ୍ଲାଃଙ୍କ ରାଣ ! ମୋତେ ଏତିକି ହେଲେ ପସନ୍ଦ ନାହିଁ କି ହଜରତ ମୁହମ୍ମଦସ.ଅ ବର୍ତ୍ତମାନ ଯେଉଁ ବାସଭବନରେ ରହିଛନ୍ତି ସେଠାରେ ତାଙ୍କୁ ଏକ ସାମାନ୍ୟ କଣ୍ଟାଟିଏ ମଧ୍ୟ ଗେଞ୍ଜି ହୋଇ ତାହା ତାଙ୍କୁ କଷ୍ଟ ଦେଉ ।** ଆଉ ମୁଁ ନିଜ ପରିବାରବର୍ଗ ସହିତ ରହିଥାଏ । ଏଥିରେ ଅବୁ ସୁଫୟାନ୍ (ଅଭିଳାଷିତ କଣ୍ଠରେ) କହିଲା; ମୁଁ ଏମିତି ଲୋକଙ୍କୁ ଦେଖି ନାହିଁ ଯେ କାହାରିକୁ ଏତେ ଶ୍ରଦ୍ଧା ଓ ଆଦର ସମ୍ମାନ କରୁଥିବେ । ଯେପରି ମୁହମ୍ମଦ ସ.ଅଙ୍କୁ ତାଙ୍କ ଅନୁଗାମୀମାନେ (ଅଗାଢ଼) ପ୍ରେମ କରୁଛନ୍ତି । ତା'ପରେ ସେମାନେ ହଜରତ ଜୈଦ୍ ର.ଅଙ୍କୁ ଶହିଦ୍ କରି ଦେଲେ । ଇବ୍ନେ ଅକୁ ବର୍ଣ୍ଣନା କରନ୍ତି; ହଜରତ ଖବିବ୍ର.ଅ ଓ ହଜରତ ଜୈଦ୍ ର.ଅଙ୍କୁ ଗୋଟିଏ ଦିନରେ ଶହିଦ୍ କରାଯାଇଥିଲା । ଯେଉଁଦିନ ସେ ଦୁହେଁ ଶହିଦ୍ ହେଲେ ସେଦିନ ହୁଜୁରସ.ଅ ଏକଥା କହୁଥିବାର ଶୁଣାଗଲା କି **ଆଲୈକୁମୁସ୍ ସଲାମ୍** ଅର୍ଥାତ ତୁମ ଦୁହିଁଙ୍କର ମଧ୍ୟ ମଙ୍ଗଳ ହେଉ ।

ହଜରତ ଖବିବ୍ ର.ଅଙ୍କ ସହିତ ହାରିସ୍ର ପୁତ୍ରମାନେ ଅତି ବିର୍ଭଷ କାଣ୍ଡ ଭିଆଇ ଥିଲେ । ହଜରତ ଖବିବ୍ ତାଙ୍କୁ କହିଲେ; କୌଣସି ପ୍ରତିଷ୍ଠିତ ଓ ସଭ୍ୟ ଗୋଷ୍ଠୀ କଦାପି ନିଜ କଏଦୀ ସହିତ ଏପରି ଅସାଦାଚରଣ କରି ନଥାଏ । ଉକ୍ତ ଅମାନ୍ୟକାରୀଙ୍କ ଉପରେ ଏକଥାର ଏପରି ପ୍ରଭାବ ପଡ଼ିଲା ଯେ, ସେଥିଅନ୍ତେ ସେମାନେ ତାଙ୍କ

ସହିତ ଉତ୍ତମ ବ୍ୟବହାର କଲେ । ହଜରତ ଖବିବ୍ କଏଦ ଥିବା ଅବସ୍ଥାରେ ଏକଦା ଗୋଟିଏ ଶିଶୁ ତାଙ୍କ ନିକଟକୁ ଚାଲି ଆସିଲା । ସେତେବେଳେ ହଜରତ ଖବିବ୍ ରା.ଅଙ୍କ ହାତରେ ଅସ୍ତୁରା ଟିଏ ଥିଲା । ଆପଣ ଉକ୍ତ ଶିଶୁକୁ ପାଛୋଟି ନେଇ (ନିଜ କୋଳରେ) ବସାଇଲେ । ଏହା ଦେଖି ସେହି ଶିଶୁର ଜନନୀ ଭୟଭୀତ ହୋଇଗଲେ କି ହଜରତ ଖବିବ୍ ତାହାର କିଛି ଅନିଷ୍ଟ କରି ନଦେବେ । ହଜରତ ଖବିବ୍ ଉକ୍ତ ମହିଳାଙ୍କ ମୁଖରେ ଭୟପ୍ରଦ ଅବସ୍ଥା ପରିଲକ୍ଷିତ (ଅନୁଭବ) କରି କହିଲେ; କ'ଣ ତୁମେ ଭୟ କରୁଛ କି ମୁଁ ଏହି ନିଷ୍ପାପ ଶିଶୁକୁ କ୍ଷତି ପହଞ୍ଚାଇବି ? **ପ୍ରଭୁଙ୍କ ରାଣ ! ମୁଁ ଏପରି କଦାପି କରିବି ନାହିଁ ।**

ପରବର୍ତ୍ତୀ ସମୟରେ ଉକ୍ତ ମହିଳା ଜଣକ ଏକଥା କହୁଥିଲେ କି ମୁଁ କଦାପି ହଜରତ ଖବିବ୍ ରା.ଅଙ୍କ ପରି ଉତ୍ତମ (ଉଦାର) କଏଦୀ ଦେଖି ନାହିଁ । ଏକଦା ମୁଁ ତାଙ୍କ ହାତରେ ଏକ ଅଙ୍ଗୁର ପେନ୍ଥା ଦେଖିଲି, ଯାହାକି ସେ ସେବନ କରୁଥିଲେ । ଯେତେବେଳେ କି ସେ ସିକୁଳୀରେ କବଳିତ ଥିଲେ ଏବଂ ସେହି ଦିନମାନଙ୍କରେ ମକ୍କାରେ କୌଣସି ପ୍ରକାର ଫଳମୂଳ ଉପଲବ୍ଧ ନଥିଲା । **ବାସ୍ତବରେ ତାହା ପରାକ୍ରମୀ ଅଲ୍ଲାଃଙ୍କ ନିକଟରୁ କେବଳ ହଜରତ ଖବିବ୍ ରା.ଅଙ୍କ ସକାଶେ ଆହାର ସ୍ୱରୂପ ଥିଲା ।**

ଯେତେବେଳେ କୁରୈଶ ହଜରତ ଖବିବ୍ ରା.ଅଙ୍କୁ ଶହିଦ୍ କରିବା ସକାଶେ ହରମେ ମକ୍କା (ପବିତ୍ର ପ୍ଲାବନ ଭୂମି) ସହର ବାହାରକୁ ନେଇଗଲେ ସେତେବେଳେ ସେ ତାଙ୍କୁ ଦୁଇ ରେକାତ୍ ନମାଜ ପାଠ କରିବା ପାଇଁ ଅନୁମତି ମାଗିଲେ ଏବଂ ସେମାନେ ତାଙ୍କୁ ଅନୁମତି ପ୍ରଦାନ କଲେ । ନମାଜ ପାଠ କରିବା ଅନ୍ତେ ହଜରତ ଖବିବ୍ କହିଲେ; ମୁଁ ଏହି ଖିଆଲରେ କି ତୁମେମାନେ ଚିନ୍ତା କରିବ ଯେ, ମୁଁ ମୃତ୍ୟୁ ଭୟରେ ନମାଜ ପାଠ କରିବା ଆଳରେ ବିଳମ୍ବ କରୁଅଛି ତେଣୁକରି ନିଜ ନମାଜକୁ ସଂକ୍ଷିପ୍ତ କରିଦେଲି । ତା'ପରେ ସେ ନିଜ ପାଳନକର୍ତ୍ତା ନିକଟରେ ଦୁଆ କଲେ ହେ ପ୍ରଭୁ ! (ଆମର) ଏହି ଶତ୍ରୁମାନଙ୍କୁ ଗୋଟି ଗୋଟି କରି ନିପାତ କରିଦିଅ । ହଜରତ ଖବିବ୍ ଏହି କବିତା ମଧ୍ୟ ପାଠ କରିଥିଲେ ଯେ, ଯେତେବେଳେ ମୁଁ ମୁସଲମାନ ହେବା ଅବସ୍ଥାରେ ମୃତ୍ୟୁ ବରଣ କରୁଅଛି ତେବେ ମୋର ଏଥିପ୍ରତି ପରୱା ନାହିଁ କି ଅଲ୍ଲାଃଙ୍କ ମାର୍ଗରେ ମୁଁ କେଉଁ ପାର୍ଶ୍ୱରେ ଟଳି ପଡ଼ିବି । ଆଉ ମୋର ଏହି ଟଳି ପଡ଼ିବା ମହାପ୍ରଭୁ ଅଲ୍ଲାଃତାଲାଙ୍କ ସକାଶେ ଅଟେ । **ଯଦି ସେ ଇଚ୍ଛା କରନ୍ତି ତେବେ ଖଣ୍ଡବିଖଣ୍ଡିତ ମାଂସପେଶୀରେ ମଧ୍ୟ ବରକତ୍ ରଖିଦେବେ ।** ସେଥିଅନ୍ତେ ଅମାନ୍ୟକାରୀମାନେ ତାଙ୍କୁ ଅତି ନିର୍ମମ ଭାବରେ ଶହିଦ୍ କରିଦେଲେ ।

ପରିଶେଷରେ ମହାମାନ୍ୟ ହୁଜୁର ଅନୱରଅ.ବ କହିଲେ; ସେହି ପବିତ୍ର ଆତ୍ମା ସାହାବାମାନେ ନିଜ ମୃତ୍ୟୁ ପ୍ରତି ଏପରି ନିର୍ଭୟ ଓ ନିଶ୍ଚିନ୍ତ ଥିଲେ, ଏପରି (ତାଙ୍କର ଅବିସ୍ମରଣୀୟ) ବଳୀଦାନ ଥିଲା । ଉକ୍ତ ସାହାବାମାନେ ଇସଲାମ ଖାତିର୍ ବଳୀଦାନ କରିବା ପାଇଁ ସର୍ବଦା ପ୍ରସ୍ତୁତ ରହୁଥିଲେ । ଏହି ସରିଯାର ଆହୁରି କିଛି ଘଟଣାବଳୀ ରହିଛି ଯାହାକି ଆସନ୍ତାରେ ବର୍ଣ୍ଣନା କରିବି । ଇନ୍ନଶା ଅଲ୍ଲାଃ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।